ଓଡିଆୱେବ
www.OdiaWeb.in
Odisha's Innovative Web Portal

# ସାଧାରଣତନ୍ତ୍ର ଦିବସ

ଓଡିଆୱେବ
www.OdiaWeb.in
Odisha's Innovative Web Portal

www.OdiaWeb.in

ସମ୍ମାନୀୟ ସଭାପତି ମହୋଦୟ, ପୂଜ୍ୟ ଗୁରୁଜୀ, ସଜ୍ଜନମଣ୍ଡଳୀ, ସ୍ନେହର ଛାତ୍ର/ଛାତ୍ର/ଛାତ୍ରୀ,ଶ୍ରଦ୍ଧେୟ ପ୍ରତିଯୋଗୀବୃନ୍ଦ, ଆଜି ସଭାରେ ଉପସ୍ଥିତ ପୂଜ୍ୟ ବିଚାରକମଣ୍ଡଳୀ । ଆଜି ଆମେ ଆମ ବିଦ୍ୟାଳୟରେ........ତମ ଗଣତନ୍ତ୍ର ଦିବସ ପାଳନ କରୁଅଛୁ । ଏହି ଅବସରରେ ମୁଁ କିଛି କହିବାର ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟବାନ୍ ମନେ କରୁଛି ।

ଗଣ ଶବ୍ଦର ଅର୍ଥ ଲୋକମାନେ ତନ୍ତ୍ର ଅର୍ଥ ଶାସକ । ଆମେ ସମସ୍ତେଜାଣୁ ଆମ ଦେଶ ୧୯୪୭ ମହିହା ଅଗଷ୍ଟ ୧୫ ତାରିଖ ଦିନ ସ୍ୱାଧିନ ହୋଇଥିଲୁ । କିନ୍ତୁ ୧୯୫୦ ମସିହା ଜାନୁଆରୀ ୨୫ ତାରିଖ ପର୍ଯ୍ୟନ୍ତ ଆମ ଦେଶ ଇଂରେଜ ପ୍ରଦତ୍ତ ଆଇନ୍ କାର୍ଯ୍ୟକାରୀ ହୋଇଥିଲା । କିନ୍ତୁ ସେହି ମସିହା ଜାନୁଆରୀ ୨୬ ତାରିଖ ଦିନ ଭାରତର ସ୍ୱତନ୍ତ୍ର ଆଇନ୍ ଖସଡା ବା ସମ୍ବିଧାନ ସେହିଦିନଠାରୁ ପ୍ରଣିତ ହୋଇଥିଲା ।

ସମସ୍ତେ ଅନୁଭବ କଲେ ଯେହେତୁ ଆମ ଦେଶ ସ୍ୱାଧିନତା ହାସଲ କରିଛି । ଆମ ନିଜର ସମ୍ବିଧାନ ଅନୁସାରେ  ଦେଶ ଶାସନ ଉଚିତ୍ । ସେଥିପାଇଁ ସମ୍ବିଧାନ ପ୍ରଣୟନ ସଂସ୍ଥା ପ୍ରତିଷ୍ଠିତ  ହେଲା । ଭାରତକୁ  ଓ ଭାରତୀୟମାନେ ଖାପ ଖୁଆଇଲା ଭଳି ଗୋଟିଏ ସମ୍ବିଧାନ ବା ଖସଡା ତିଆରି କରି ଡକ୍ଟର ଆମ୍ବେଦକର ଆଧୁନିକ ଯୁଗର ମନୁ ପାଲଟି ଗଲେ ।

ଦୀର୍ଘ ୨ ବର୍ଷ ୧୧ ମାସ ୧୮ ଦିନ ପରେ ଆମ ଦେଶ ଆମ ଆଇନ୍ ଅନୁସାରେ ପରିଚାଳିତ ହେଲା । ସେଦିନ ଆମେ ସମ୍ପୂର୍ଣ୍ଣ ସ୍ୱାଧୀନତାର ମହୁ ଚାଖିଲୁ । ସେଥିପାଇଁ  ଜାନୁଆରୀ ୨୬ ଆମ ଦେଶର ଏକ ରାଷ୍ଟ୍ରୀୟ ପର୍ବ । ହିମାଳୟ ଠାରୁ କନ୍ୟାକୁମାରୀ,କାଶ୍ମରଠାରୁ କର୍ଣ୍ଣାଟକ, କରମଠାରୁ ମାଟିଲି, ହିନ୍ଦୁଠାରୁ ମୁସଲମାନ୍,ଜୈନ,ଖ୍ରୀଷ୍ଟିଆନ ଅମୀରଠାରୁ ଫକୀର ସମସ୍ତେ ଏହି ପର୍ବକୁ ଖୁବ ଆନନ୍ଦ ଓ ଉତ୍ସାହରେ ପାଳନ କରିଥାଆନ୍ତି ।

ଆମ ଘରେ ଯେପରି ପୂଜା ପାର୍ବଣରେ ପିଠା ପଣା ହୁଏ, ସାଧାରଣତନ୍ତ୍ର ଦିବସରେ ମଧ୍ୟ ସୁ-ଖାଦ୍ୟ ତିଆରି ହୁଏ । ଦିଲ୍ଲୀର ଇଣ୍ଡିଆ ଗେଟ୍‌ଠାରେ, ରାଜଧାନୀ ଭୁବନେଶ୍ୱର,ରାଜରାସ୍ତାରେ, ଜଳ

ସ୍ଥଳ,ବାୟୁସେନା,ଏନ୍‌ସିସି,ଅଗ୍ନିଶମ ସେନା ବାହିନୀ ପକ୍ଷରୁ ମାର୍ଚ୍ଚପାଷ୍ଟ କରାଯାଏ । ତ୍ରିରଙ୍ଗା ଝଣ୍ଡା ଉତ୍ତୋଳିତ ହେବା ପରେ ମୁଖ୍ୟ ଅତିଥି ଦେଶ ବାସୀ ତଥା ରାଜ୍ୟବାସୀଙ୍କୁ ବାର୍ତ୍ତା ପ୍ରଦାନ କରିଥାନ୍ତି । ବିଭିନ୍ନ ରାଜ୍ୟର ଲୋକନୃତ୍ୟ ଦଳ ଦିଲ୍ଲୀଠାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥାନ୍ତି । ତାଛଡା ବିଦେଶରୁ ଜଣେ ଜଣେ ମୁଖ୍ୟ ଅତିଥି ହିସାବରେ ଭାରତକୁ ସେହିଦିନ ଭ୍ରମଣରେ ଆସି ଏହି ପ୍ୟାରେଡ୍ ଦର୍ଶନ କରିଥାନ୍ତି ?

ସାରା ଦେଶର ବିଦ୍ୱାନ,ବୀର ସୈନିକ , ଦକ୍ଷ ପୋଲିସ୍‌ମାନଙ୍କୁ ଏହି ପବିତ୍ର ଦିବସରେ ପୁରସ୍କୃତ କରାଯାଏ । ଭାରତର ଶ୍ରେଷ୍ଠ ବେସାମରିକ ସମ୍ମାନ ଭାରତରତ୍ନଠାରୁ ଆରମ୍ଭ କରି ପଦ୍ମଶ୍ରୀ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ହୋଇଥାଏ । ଜନତା ଜନାର୍ଦ୍ଦନଙ୍କ ଉଦ୍ଦେଶ୍ୟରେ ଏହି ଉତ୍ସବ ଉତ୍ସର୍ଗ ହୋଇଥାଏ । ତ୍ରିରଙ୍ଗା ଜାତୀୟ ପତକା ତଥା ଜାତୀୟ ସଂଗୀତ ଘରେ ଘରେ,ପୁରପଲ୍ଲୀ,କୁଟୀରେ କୁଟିରେ ଉତ୍ତୋଳନ କରାଯାଏ ।

ଏହି ଦିବସରେ କେବଳ ସାମୟିକ ଆନନ୍ଦଦାୟକ ନୁହେଁ । ଏହା ଆମ ପାଇଁ ଆତ୍ମସମୀକ୍ଷାର ଦିନ । ଏହି ଦିନ ଆମେ ଶପଥ ନେବା ଆମ ଦେଶକୁ, ଆମ ଭାଷାକୁ ସୁରକ୍ଷିତ ରଖିବା । ସମ୍ମାନ ଦେବା,ଶ୍ରଦ୍ଧା କରିବା । ଆସନ୍ତୁ ସଭାରେ ଉପସ୍ଥିତ ସମସ୍ତ ଶ୍ରୋତାମଣ୍ଡଳୀ ଆମେ ହାତକୁ ହାତ ମିଳାଇବା ଏକ ସ୍ୱରରେ କହିବା - ଦୁର୍ନୀତିର ମୂଳପ୍ତାଟନ କରିବା ,ବେକାରୀ ହଟାଇବା,ସନ୍ତ୍ରାସବାଦୀକୁ ଦମନ କରିବା ଏବଂ ଭାଇଚାରାର ଏକ ସୁଖ ସମୃଦ୍ଧି ବିଶିଷ୍ଟ ରାଷ୍ଟ୍ର ତିଆରି କରିବା ତା ହେଲେ ଏହି ଜନରାଜ୍ୟ ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ ।୧୨୫ କୋଟି ଭରତୀୟ ଯେଉଁ ଦିନ ଏକମନ ,ଏକ ପ୍ରାଣ ଦେଇ ଭାରତର ଉନ୍ନତି ପାଇଁ ପ୍ରାଣପାତ  କରିବାକୁ ଆଗେଇ ଆସିବେ ସେହିଦିନ ହିଁ ଗନତନ୍ତ୍ର ଦିବସ ପାଳନର ପ୍ରକୃତ ମୁଲ୍ୟାୟନ ହୋଇପାରିବ । ଆଜିର ଛାତ୍ର ସମାଜ କାଲିର ନାଗରିକ । ଭାରତର ଶାସନ ଡୋରୀ ସେମାନଙ୍କ ହାତରେ । ଆଜି ଆମେ ଶପଥ ନେବା ଭାରତକୁ ଏକ ମହାନ ଦେଶ ଭାବରେ ଗଢିବା । ବିଶିଷ୍ଟ ମୁସଲିମ୍ କବି ଇକବାଲଙ୍କ କଣ୍ଠରୁ ସେହିଦିନ ବାହାରି ଆସିଲା : ସାରେଁ ଜହାଁସେ ଆଚ୍ଛା,ହିନ୍ଦୁସ୍ତା ହମାରା । ଏତିକି କହି ମୋର ବକ୍ତବ୍ୟ ଶେଷ୍ଃଅ କରୁଛି...... ।

|| ଜୟହିନ୍ଦ୍ ||

**Republic Day Speech in Odia**
https://www.odiaweb.in/